# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**1 October– 2026**

## ମହାନଦୀ ଜଳବିବାଦ ବୈଠକ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତଶାହାଙ୍କ ଅଧକ୍ଷତାରେ ଆଜି ନୂଆଦିଲ୍ଲୀରେ ମହାନଦୀ ଜଳବିବାଦ ସମାଧାନ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ବୈଠକରେ ଓଡିଶା ଓ ଛତିଶଗଡର ମୁଖ୍ୟମନ୍ତ୍ରୀ ଉପସ୍ଥିତ ରହିବେ ।  ଖୁବ୍‌ଶୀଘ୍ର ବିବାଦର ସମାଧାନ ହେବ ବୋଲି ଶ୍ରୀ ପୂଜାରୀ କହିଛନ୍ତି । ଛତିଶଗଡ ସରକାର ମହାନଦୀ ଉପରମୁଣ୍ଡରେ ବ୍ୟାରେଜ୍ ନିର୍ମାଣ କରିବାକୁ ୨୦୧୬ ମସିହାରେ ଦୁଇରାଜ୍ୟ ମଧ୍ୟରେ ବିବାଦ ଦେଖାଦେଇଥିଲା । ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାର ୨୦୧୮ ମସିହା ମାର୍ଚ୍ଚ ମାସରେ ଦୁଇ ରାଜ୍ୟ ମଧ୍ୟରେ ଦେଖାଦେଇଥିବା ମହାନଦୀ ଜଳବିବାଦକୁ ନେଇ ଟ୍ରିବ୍ୟୁନାଲ ଗଠନ କରିଥିଲେ । ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲରେ ମହାନଦୀ ଜଳ ଆବଣ୍ଟନକୁ ନେଇ ଅଦ୍ୟାବଧି ଶୁଣାଣି ଜାରି ରହିଛି ।

## ସେବା ସେତୁ ଅଭିଯାନ

ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାର ସୁବିଧାକୁ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ସହଜ, ସରଳ ଓ ତ୍ୱରିତ ଭାବେ ପହଁଞ୍ଚାଇବା ଲକ୍ଷ୍ୟରେ ଆଜିଠାରୁ ୧୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ସେବା ସେତୁ

ଅଭିଯାନ ଆୟୋଜିତ ହେବ। ଏହା ମାଧ୍ୟମରେ ଯୋଗ୍ୟ ନାଗରିକମାନେ ଗୋଟିଏ ସ୍ଥାନରେ ବିଭିନ୍ନ କେନ୍ଦ୍ର ଓ ରାଜ୍ୟ ସରକାରୀ ଯୋଜନା ଏବଂ ସେବା ସମ୍ପର୍କରେ ସବିଶେଷ ସୂଚନା ପାଇପାରିବେ ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି।

## ସମୀକ୍ଷା ବୈଠକ

ଚଳିତବର୍ଷ ହୋଇଥିବା ବ୍ୟାପକ ବର୍ଷା ଯୋଗୁଁ ରାଜ୍ୟର ଅନେକ ରାସ୍ତାରେ ନଷ୍ଟ ହୋଇଯାଇଛି । ଏହାର ତୁରନ୍ତ ମରାମତି କରିବା ପାଇଁ ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଭୁବନେଶ୍ୱରସ୍ଥିତ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ସର୍ବୋଚ୍ଚ ଯନ୍ତ୍ରୀଙ୍କ ସମେତ ବିଭାଗୀୟ ଅଧିକାରୀମାନେ ରାସ୍ତାର ସ୍ଥିତି ଯାଞ୍ଚ କରି ପ୍ରତି ୧୫ ଦିନରେ ରିପୋର୍ଟ ପ୍ରଦାନ କରିବେ ।

## ଉପମୁଖ୍ୟମନ୍ତ୍ରୀ-ନନ୍ଦନକାନନ

ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ନନ୍ଦନକାନନରେ ପର୍ଯ୍ୟଟକମାନଙ୍କର ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଛନ୍ତି । ନନ୍ଦନକାନନକୁ ଆସୁଥିବା ପର୍ଯ୍ୟଟକମାନଙ୍କ ପରିଦର୍ଶନକୁ ଆହୁରି ସୁବିଧାଜନକ, ସୁରକ୍ଷିତ ଓ ସ୍ମରଣୀୟ କରିବା ପାଇଁ ଆବଶ୍ୟକୀୟ ଭିତ୍ତିଭୂମିର ବିକାଶ କରାଯିବାକୁ ଗୁରୁତ୍ୱାରୋପ କରିଛନ୍ତି । ଦେଶବିଦେଶରୁ ଆସୁଥିବା ପର୍ଯ୍ୟଟକମାନେ

ଯେପରି ଏକ ଉତ୍ତମ ଓ ଆନନ୍ଦଦାୟକ ଅନୁଭୂତି ନେଇ ଫେରିବେ ସେଥିପାଇଁ ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଶ୍ରୀମତୀ ପରିଡ଼ା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ରାଜ୍ୟରେ ହେବାକୁ ଥିବା ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ୨୦୨୭କୁ ସ୍ୱଚ୍ଛ, ନିର୍ଭୁଲ, ଅବାଧ ଏବଂ ନାଗରିକ କେନ୍ଦ୍ରିକ ଭାବେ ପରିଚାଳନା କରିବା ଲକ୍ଷ୍ୟରେ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ନିର୍ବାଚନ ଆୟୁକ୍ତ ମଧୁସୂଦନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭୋଟର ତାଲିକା ପ୍ରସ୍ତୁତି ଓ ସଂଶୋଧନ, କ୍ଷେତ୍ରସ୍ତରୀୟ ସର୍ଭେ, ନିର୍ବାଚନ ପରିଚାଳନା ଏବଂ ବିଭିନ୍ନ ପ୍ରଶାସନିକ ପ୍ରକ୍ରିୟା ସମ୍ପର୍କରେ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା ।

ଘରକୁ ଘର ସର୍ଭେ ମାଧ୍ୟମରେ ଭୋଟରତାଲିକାକୁ ଅଧିକ ସଠିକ୍ ଓ ଅଦ୍ୟତନ କରିବା ଉପରେ ଶ୍ରୀ ପାଢ଼ୀ ଗୁରୁତ୍ୱାରୋପ କରିଛନ୍ତି । ଏଥିସହିତ ଭୋଟର ତାଲିକାରେ ଥିବା ତ୍ରୁଟିକୁ ଚିହ୍ନଟ କରି ତାହାର ସଂଶୋଧନ ଓ ତଥ୍ୟର ନିର୍ଭୁଲତା ଯାଞ୍ଚ ସୁନିଶ୍ଚିତ କରିବାକୁ ବୈଠକରେ ପରାମର୍ଶ ଦିଆଯାଇଛି ।

# ସ୍ୱତନ୍ତ୍ର ଗ୍ରାମସଭା

ରାଜ୍ୟର ସମସ୍ତ ଗ୍ରାମ ପଞ୍ଚାୟତରେ ଆସନ୍ତାକାଲି ଗାନ୍ଧୀ ଜୟନ୍ତୀ ଅବସରରେ ସ୍ୱତନ୍ତ୍ର ଗ୍ରାମସଭା ଆୟୋଜନ କରାଯିବ। ଏହାକୁ ଅଧିକ ଅର୍ଥପୂର୍ଣ୍ଣ, ଲୋକାଭିମୁଖୀ ଓ ଅଂଶଗ୍ରହଣ ମୂଳକ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ସମସ୍ତ ସରପଞ୍ଚଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି । ମହାତ୍ମା ଗାନ୍ଧୀଙ୍କ ଗ୍ରାମ ସ୍ୱରାଜର ଭାବନାକୁ ଆଧାର କରି ଗ୍ରାମସଭା ମାଧ୍ୟମରେ ବିଭିନ୍ନ ସରକାରୀ ଯୋଜନା, ସଂସ୍କାରମୂଳକ ପଦକ୍ଷେପ ଓ ଗ୍ରାମୀଣ ବିକାଶ ସହ ଜଡିତ ବିଷୟ ଉପରେ ଆଲୋଚନା କରାଯିବା ନେଇ ମନ୍ତ୍ରୀ ଶ୍ରୀ ନାୟକ ସରପଞ୍ଚମାନଙ୍କୁ ପରାମର୍ଶ ଦେଇଛନ୍ତି ।

# ସାଧନା କେନ୍ଦ୍ର

ଗ୍ରାମାଞ୍ଚଳର ଯୁବକଯୁବତୀଙ୍କୁ ଶିକ୍ଷା, ଦକ୍ଷତା, ଏବଂ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ସୁଯୋଗ ଦେବା ଲକ୍ଷ୍ୟରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତରେ ସାଧନା କେନ୍ଦ୍ର ଖୋଲାଯିବ ବୋଲି ଜିଲ୍ଲାପାଳ ଭି. କୀର୍ତ୍ତିଭାସନ କହିଛନ୍ତି । ଜିଲ୍ଲାର ଲକ୍ଷ୍ୟ ନିକେତନ ସଫଳ ମଡେଲକୁ ଆଧାର କରି ୪୯୩ଟି ପଞ୍ଚାୟତରେ ସାଧନା କେନ୍ଦ୍ର ଖୋଲାଯିବ । ଆସନ୍ତା ମାସରୁ ସାଧନା କେନ୍ଦ୍ର ଖୋଲିବା ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜିଲ୍ଲାପାଳ କହିଛନ୍ତି ।

# ନିଶାମୁକ୍ତ ଭାରତ ଅଭିଯାନ

ଭଦ୍ରକ ଜିଲ୍ଲା ଭଣ୍ଡାରୀ ପୋଖରୀ ଥାନା ପକ୍ଷରୁ ବିଭିନ୍ନ ବିଦ୍ୟାଳୟରେ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୋଲିସ ଅଧିକାରୀ, ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ନିଶାଦ୍ରବ୍ୟ ବ୍ୟବହାରର କୁ-ପ୍ରଭାବ ସମ୍ପର୍କରେ ଛାତ୍ରାଛାତ୍ରୀମାନଙ୍କୁ ସଚେତନ କରାଇଥିଲେ ।

# ତୀର୍ଥଯାତ୍ରା ଯୋଜନା

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ କଳାହାଣ୍ଡି, ରାୟଗଡା, ନୂଆପଡା, କୋରାପୁଟ ଓ ମାଲକାନଗିରିର ତୀର୍ଥଯାତ୍ରୀଙ୍କୁ ନେଇ ରାୟଗଡା ରେଳଷ୍ଟେସନରୁ ଆଜି ସକାଳ ୧୦ଟାରେ ଏକ ସ୍ୱତନ୍ତ୍ର ଟ୍ରେନ୍ ଅଯୋଧ୍ୟା ଓ ବାରାଣାସୀ ଅଭିମୁଖେ ଯାତ୍ରା କରିବ । କଳହାଣ୍ଡି ଜିଲ୍ଲାରୁ ୧୯୨ଜଣ ତୀର୍ଥଯାତ୍ରୀ ଏଥିରେ ସାମିଲ ଅଛନ୍ତି ।

# ବରିଷ୍ଠ ନାଗରିକ ଦିବସ

ବରିଷ୍ଠ ନାଗରିକଙ୍କ ଅଭିଜ୍ଞତା ଏବଂ ବୁଦ୍ଧିମତାକୁ ସମ୍ମାନ ପ୍ରଦର୍ଶନ କରିବା ଲକ୍ଷ୍ୟ ନେଇ ପ୍ରତ୍ୟେକ ବର୍ଷ ଅକ୍ଟୋବର ପହିଲାରେ ବିଶ୍ୱରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଉଛି । ଚଳିତ ବର୍ଷର ବିଷୟବସ୍ତୁ ରହିଛି "ଦୀର୍ଘାୟୁର ଯୁଗ, ଦୀର୍ଘ ଜୀବନ ପାଇଁ ପୁନଃ ଚିନ୍ତନ ପ୍ରଣାଳୀ" ।

ଆଜିମଧ୍ୟ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ । ସ୍ୱେଚ୍ଛାକୃତ ରକ୍ତଦାନକୁ ପ୍ରୋତ୍ସାହିତ କରିବା, ରକ୍ତ ସଂଗୃହିତ କେନ୍ଦ୍ରଗୁଡ଼ିକ ପାଇଁ ଆବଶ୍ୟକ ଭିତ୍ତିଭୂମିର ସୁବିଧା ଏବଂ ଜାତୀୟ ରକ୍ତ ନୀତିକୁ କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ ଏହି ଦିବସ ପାଳନ କରାଯାଉଛି ।

## ସାହାଣୀ କପ୍

ନୂଆପଡା ଜିଲ୍ଲା ସଦର ମହକୁମା ମିନି ଷ୍ଟାଡିୟମଠାରେ ୬୫ତମ ସାହାଣୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ କନ୍ଧମାଳକୁ’ ସମ୍ବଲପୁର ୧-୦ ଗୋଲ୍‌ରେ ପରାସ୍ତ କରି ବିଜୟୀ ହୋଇଛି ।